ପାଠ-୮

# ଜାତୀୟ ଜୀବନ

**STUDY NOTES**

**MIND MAP**



## ପ୍ରବନ୍ଧର ଆଭିମୁଖ୍ୟ

'ଜାତୀୟ ଜୀବନ' ଶୀର୍ଷକ ପ୍ରବନ୍ଧ 'ଉତ୍କଳ ସମ୍ମିଳନୀ'ର ଏକ ବିଶେଷ ଅଧିବେଶନରେ ପ୍ରଦତ୍ତ ଅଭିଭାଷଣର ସଂକ୍ଷିପ୍ତ ରୂପ । ଉକ୍ତ ପ୍ରବନ୍ଧରେ ଜାତୀୟ ଜୀବନ ଏବଂ ମାନବର ବ୍ୟକ୍ତିଗତ ଜୀବନ ମଧ୍ୟରେ ରହିଥିବା ସମ୍ପର୍କର ନିରୂପଣ, ଜାତୀୟ ଜୀବନର ସ୍ୱରୂପ ତଥା ପରାଧୀନ ଉତ୍କଳୀୟମାନଙ୍କୁ ଜାତୀୟ ସ୍ରୋତରେ ସାମିଲ ହେବାପାଇଁ ଉଦବୋଧନ ଦିଆଯାଇଛି ।

## ପ୍ରବନ୍ଧର ସାରମର୍ମ

ଜାତି ଜାତି ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠା ନିମନ୍ତେ ଜାତୀୟ ଜୀବନ ଏକାନ୍ତ ଅପରିହାର୍ଯ୍ୟ । ଆମ୍ଭମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଥିବା ଜୀବନ ହେଉଛି ବ୍ୟକ୍ତିଗତ ଜୀବନ, ଯେଉଁ ଜୀବନ କ୍ଷଣସ୍ଥାୟୀ, ତ'ର ନିଶ୍ଚିତରୂପେ ପରିସମାପ୍ତି ହେବ କାଲି ଶ୍ମଶାନରେ । ଶରୀରର ଅଭ୍ୟନ୍ତରରେ ବିଦ୍ୟମାନ ଥିବା ଆତ୍ମା ପହଂଚିବ ଈଶ୍ୱରଙ୍କ ନିକଟରେ; କିନ୍ତୁ ପାର୍ଥିବ ଅର୍ଥାତ୍ ସାଂସାରିକ ଜୀବନର ରହିଛି ଏକ ଆକର୍ଷଣୀ ଶକ୍ତି । ମୋ ସ୍ତ୍ରୀ, ମୋ ସନ୍ତାନ, ମୋ ସମ୍ପତି ଏହି ସାଂସାରିକ ଭାବଗୁଡ଼ିକ ପ୍ରତିକ୍ଷଣ ମାନବକୁ ଉର୍ଦ୍ଧରୁ ନିମ୍ନକୁ ଆକର୍ଷଣ କରୁଅଛି । ଉପରେ ରହିଛି ସ୍ୱର୍ଗୀୟ ଜୀବନର ଆକର୍ଷଣୀ ଶକ୍ତି, ଅନନ୍ତ ବିଶ୍ରାମର ସ୍ଥାନ, ଯାହା ପ୍ରାଣର ଉର୍ଦ୍ଧରୁ ନିମ୍ନକୁ ଆକର୍ଷଣ କରୁଅଛି । ଉପରେ ରହିଛି ସ୍ୱର୍ଗୀୟ ଜୀବନର ଆକର୍ଷଣୀ ଶକ୍ତି, ଅନନ୍ତ ବିଶ୍ରାମର ସ୍ଥାନ, ଯାହା ପ୍ରାଣର ଉଦ୍ଧାର ନିମନ୍ତେସତତ ଉର୍ଦ୍ଧ୍ୱକୁ ଆକର୍ଷଣ କରୁଅଛି । କିନ୍ତୁ ସେହି ମାନବର ଚତୁଃପାର୍ଶ୍ୱରେ ବିଦ୍ୟମାନ ଥିବା ଅନ୍ୟାନ୍ୟ ଜାତି ଓ ସମାଜମାନଙ୍କ ସଙ୍ଗେ ଜୀବନ ମିଳାଇ ଆଳାପ କରିବା ରୂପକ ମାନବର ପ୍ରଧାନ କର୍ମଟି ହିଁ ଜାତୀୟ ଜୀବନ । ଏହି ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ ହିଁ ଜାତି ଜାତି ମଧ୍ୟରେ ସଂପର୍କ ବୃଦ୍ଧି ପାଇବ ।